# <u>ତହସିଲଦାରଙ୍କ କାର୍ଯ୍ୟାଳୟ, ଉଦଳା, ମୟୂରଭଞ୍ଜ</u>

<u>ପତ୍ର ସଂଖ୍ୟା- ୨୨୪ / ତା.୦୯.୦୩.୨୦୨୧</u>

---

## <u>ଦୀର୍ଘ ମିଆଦୀ ଲିଜ୍ ନିମନ୍ତେ ନିଲାମ ଇସ୍ତାହାର</u>

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ରିହାତି ଆଇନ (OMMC Rules 2016) ନିୟମାନୁଯାୟୀ, ଓଡ଼ିଶା ସରକାରଙ୍କ ରାଜସ୍ଵ ବିଭାଗ ଅଧିନସ୍ଥ ମୟୂରଭଞ୍ଜ ଜିଲ୍ଲା ଉଦଳା ତହସିଲ ଅନ୍ତର୍ଗତ ୪ ଗୋଟି ସୈରାତ ଉତ୍ସ (ବାଲୁକା ଶଯ୍ୟା) ଗୁଡ଼ିକର ଆସନ୍ତା ୫ (ପାଂଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନ ସାରଣୀ ମୁତାବକ ତହସିଲଦାର, ଉଦଳାଙ୍କ ଦ୍ଵାରା ନିଲାମ କରାଯିବ । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rules 2016 ର **<u>Form-M (3 copies)</u>** ପୂରଣ କରି, ନିମ୍ନଲିଖିତ ଦସ୍ତାବିଜ ସଂଲଗ୍ନ କରି ଜଉମୁଦ ଦିଆଯାଇଥିବା ଲଫାପା (Sealed Cover) ରେ ଆବେଦନ କରୁଥିବା ଉତ୍ସର ନାମ ଓ ସୈରାତ କେସ୍ ନମ୍ବର ଉଲ୍ଲେଖ କରି Registered Post/ Speed Post ଜରିଆରେ ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ ଠିକଣାରେ କିମ୍ବା ଉପ-ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ଆସନ୍ତା **<u>ତା.୧୦.୦୩.୨୦୨୧ରିଖ ଠାରୁ ତା.୨୫.୦୩.୨୦୨୧ରିଖ ଅପରାହ୍ନ ୫ ଘଟିକା ମଧ୍ୟରେ (ଛୁଟି ଦିନ ବ୍ୟତୀତ)</u>** ପକାଇ ପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଅତିବାହିତ ହେଲାପରେ କୌଣସି ଦରଖାସ୍ତ ଗ୍ରହଣୀୟ ନୁହେଁ । **<u>ତା.୨୬.୦୩.୨୦୨୧ରିଖ ୧୧ ଘଟିକା</u>** ସମୟରେ ଲିଜ ଦରଖାସ୍ତକାରୀ/ ତାଙ୍କ ପ୍ରତିନିଧିଙ୍କ ଉପସ୍ଥିତିରେ ଦରଖାସ୍ତ ଗୁଡ଼ିକ ତନଖି କରାଯାଇ ଲିଜ ଚୂଡ଼ାନ୍ତ କରାଯିବ ଓ ଅସମ୍ପୂର୍ଣ୍ଣ ଦରଖାସ୍ତ ଗୁଡ଼ିକୁ ବାତିଲ କରାଯିବ ।

### ଆବଶ୍ୟକୀୟ ଦସ୍ତାବିଜ୍

| | |
|---|---|
| ୧. | ଦରଖାସ୍ତ ଫି ବାବଦକୁ **<u>ଟ. ୧,୦୦୦/- (ଏକ ହଜାର) ଟଙ୍କାର ଟ୍ରେଜେରୀ ଚାଲାଣ</u>** **(Head of Account- 0853 – Non-Ferrous Moning and Metallurgical Industries – 102-Miner Concession Fees, Rents and Royalties)** ଜମା କରିବାକୁ ପଡ଼ିବ । ଏହି ଦରଖାସ୍ତ ଫି ଫେରସ୍ତ କରାଯିବ ନାହିଁ । |
| ୨. | ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ **<u>ଦେୟ ବକେୟା ନ ଥିବା ଦର୍ଶାଇ ଏକ ସତ୍ୟପାଠ ।</u>** |
| ୩. | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା **<u>ଅତିରିକ୍ତ ଦେୟ ତଥା ରୟାଲିଟିର ସମପରିମାଣ ମୂଲ୍ୟର ୧୮ ମାସ ବୈଧତା ଥିବା ବ୍ୟାଙ୍କ ପ୍ରତ୍ୟାଭୂତି</u>** (Bank Guarantee) କିମ୍ବା **<u>୧୮ ମାସ ପର୍ଯ୍ୟନ୍ତ ବୈଧ ଥିବା ରାଜସ୍ଵ ଅଧିକାରୀଙ୍କ ଠାରୁ ପ୍ରାପ୍ତ Solvency Certificate</u>** ଆବେଦନ ସହିତ ଦାଖଲ କରିବାକୁ ହେବ ।<br>**Bank Guarantee = (MGQ of that Quarry for 1styear) * (Offered Additional Charge + Royalty)** |
| ୪. | ପ୍ରାଧିକୃତ ରାଜସ୍ଵ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା **<u>ଆବେଦନ କାରୀଙ୍କ ସ୍ଥାବର ସମ୍ପତ୍ତିର</u>** (Immovable Property) ତାଲିକା । |
| ୫. | ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ (MGQ) ଉପରେ ନିର୍ଦ୍ଧାରିତ **<u>ଅତିରିକ୍ତ ଦେୟ ଓ ରୟାଲଟିର ଶତକଡ଼ା ୫ ଭାଗ EMD</u>** (Earnest Money) ନିମନ୍ତେ ତହସିଲଦାରଙ୍କ ନାମରେ ବନ୍ଧକୀକୃତ ବା Pledged ବ୍ୟାଙ୍କ ଡ୍ରାଫ୍ଟ ।<br>**[EMD=5% of ((MGQ of that Quarry for 1st year)*( additional charge + Royalty))]** |

# ସର୍ତ୍ତାବଳୀ

| | |
|---|---|
| ୧. | ଆବେଦନକାରୀ ମାନେ OMMC Rules 2016 & Ammendment Rules there after ର ପରିସର ଭୁକ୍ତ ରହିବେ ଏବଂ ତତ୍‌ସଂଲଗ୍ନ ସମସ୍ତ ସରକାରୀ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ । |
| ୨. | ଲିଜପାଇଁ ଆବେଦନ କରିବା ପୂର୍ବରୁ ଇଚ୍ଛୁକ ବ୍ୟକ୍ତି ଲଘୁ ଖଣିଜ ଗୁଡ଼ିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗନେବେ । ଲିଜ ନେବା ପରେ ସଇରାତ ଚଳାଇବା କିମ୍ବା ରାସ୍ତା ଦେଖାଇବା ସମ୍ପର୍କରେ କୌଣସି ଆପତ୍ତି ଅଭିଯୋଗ ଗ୍ରହଣୀୟ ହେବନାହିଁ ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । |
| ୩. | ଲିଜ ପାଇବା ପରେ ସୈରାତ ଚଳାଇବା ପାଇଁ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ହେବେ ନାହିଁ |
| ୪. | ପ୍ରଚଳିତ ନିୟମାବଳୀ ଅନୁଯାୟୀ ଅତିରିକ୍ତ ଦେୟ (Additional Charge) ବାବଦକୁ ସର୍ବୋଚ୍ଚ ମୂଲ୍ୟ ଦରଜ କରିଥିବା ନିଲାମ ଧାରୀଙ୍କ ଦରଖାସ୍ତକୁ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । ଯଦି ୧ ରୁ ଅଧିକ ନିଲାମ ଧାରୀ ସମାନ ସର୍ବୋଚ୍ଚ ମୂଲ୍ୟ ପ୍ରଦାନ କରିଥିବେ ତେବେ ଲଟେରୀ (Draw of lots) ମାଧ୍ୟମରେ ଲିଜ ପ୍ରଦାନ ନିମନ୍ତେ ଚୟନ କରାଯିବ । |
| ୫. | ଯୋଗ୍ୟ ବିବେଚିତ ହୋଇଥିବା ଆବେଦନକାରୀ ସ୍ଥିରିକୃତ ହୋଇଥିବା <u>ଲଘୁ ଖଣିଜ ଦ୍ରବ୍ୟର ବାର୍ଷିକ ପରିମାଣ (MGQ) ସହିତ ତାଙ୍କ</u> **<u>ଦ୍ୱାରା ପ୍ରଦାନ କରାଯାଇଥିବା ସର୍ବୋଚ୍ଚ ଅତିରିକ୍ତ ଦେୟ (Additional Charge) ସହିତ ବାକି ରୟାଲଟି ଏବଂ ବାର୍ଷିକ MGQ ପାଇଁ ଧାର୍ଯ୍ୟ DMF (Contribution payble to DMF) ଗୁଣନ କରି ସମୁଦାୟ ରାଶିର ୨୫% ରୁ ପୂର୍ବରୁ ଦାଖଲ କରିଥିବା ବଇନା ରାଶି (Earnest Money) କୁ ବାଦ୍ ଦେଇ ଏକତ୍ର କରି ଅମାନତ ରାଶି (Secuirity Deposit) ଭାବରେ ଦାଖଲ କରିବେ</u>** । ଏହି ଅମାନତ ରାଶି ବିନା ସୁଧ (Interest Free) ରେ ରଖାଯିବ । ଯଦି ମନୋନିତ ଆବେଦନକାରୀ ୧୫ଦିନ ମଧ୍ୟରେ ସର୍ତ୍ତ ସହିତ ଉପରୋକ୍ତ ରାଶି ଜମା ନକରନ୍ତି, ତେବେ ତାଙ୍କର EMD ବାବଦକୁ ଜମା ଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ ଏବଂ ଦ୍ୱିତୀୟ ସର୍ବାଧିକ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ ଦର୍ଶାଇଥିବା ଦରଖାସ୍ତକାରୀଙ୍କୁ ସୁଯୋଗ ଦିଆଯିବ । ମନୋନୟନ ପ୍ରକ୍ରିୟା ସମାପ୍ତ ହେଲାପରେ ଅକୃତ୍ୟ କାର୍ଯ୍ୟ ଆବେଦନକାରୀ ମାନଙ୍କୁ ଜମା ଦେଇଥିବା Earnest Money ଫେରସ୍ତ କରାଯିବ । |
| ୬. | ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟ Mining Plan ରେ ଦର୍ଶାଯାଇଥିବା ଲଘୁ ଖଣିଜ ଉତ୍ତୋଳନ ପରିମାଣ ଅନୁଯାୟୀ ବାର୍ଷିକ ସମସ୍ତ ଟଙ୍କା ଲିଜଧାରୀଙ୍କୁ ଏକକାଳୀନ ଦାଖଲ କରିବାକୁ ପଡିବ । ଏହା ବ୍ୟତୀତ ଆବେଦନକାରୀ ବା ଲିଜଧାରୀ ଦାଖଲ କରିଥିବା ସମସ୍ତ ଅତିରିକ୍ତ ଦେୟ ତଥା ରୟାଲଟି ମୂଲ୍ୟର ଶତକଡା ୫ ଭାଗ ଅର୍ଥ ପରିବେଶ ପରିଚାଳନା ପାଣ୍ଠି ବାବଦକୁ ପଇଠ କରିବା ସହିତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ District Mineral Foundation ବାବଦକୁ ଶତକଡା ୧୦ ଭାଗ ଅର୍ଥ ଜମା କରିବାକୁ ପଡିବ । <u>ସେହିଭଳି ଲିଜ୍ ଧାରୀଙ୍କୁ ଆଗାମି ୭(ସାତ) ଦିନ ମଧ୍ୟରେ ପ୍ରଥମ ବର୍ଷର ପରିମାଣ ଅନୁଯାୟୀ (ନିମ୍ନରେ ପ୍ରଦତ୍ତ ସୂଚୀ ଅନୁସାରେ) ବକେୟା ଥିବା ଅତିରିକ୍ତ ଦେୟ ତଥା ରୟାଲଟିର ମୂଲ୍ୟ ଜମା କରିବାକୁ ପଡିବ</u> \| <u>ଲିଜଧାରୀ ବକେୟା ଥିବା ମୂଲ୍ୟ ଜମା କରିବା ପରେ ନିଜ ଖର୍ଚ୍ଚରେ ଲିଜ Agreement ବା ଚୁକ୍ତି (ରେଜିଷ୍ଟ୍ରେସନ ଆକ୍ଟ -୧୯୦୮ ଓ ଷ୍ଟାମ୍ପ ଆକ୍ଟ ୧୮୯୯ ଅନୁଯାୟୀ) ସମ୍ପାଦନ କରିବେ</u> । <u>ଯଦି ନିଯୋଜିତ ଦରଖାସ୍ତକାରୀ ଚୁକ୍ତି ସମ୍ପାଦନ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟ ଜମା ନ କରନ୍ତି, ତେବେ ତାଙ୍କର EMD ଓ ଜମା କରିଥିବା ରାଶି ବାଜ୍ୟାପ୍ତ କରି ସରକାରଙ୍କ ନିକଟରେ ଜମା ଦିଆଯିବ</u> । ପରବର୍ତ୍ତୀ ବର୍ଷ ଗୁଡ଼ିକ ପାଇଁ ପ୍ରତ୍ୟେକ ବର୍ଷ ଲିଜ ଚୁକ୍ତି (Lease Agreement)ର ଦିନ ଶେଷ ହେବାର୨ ମାସ ପୂର୍ବରୁ ଦେୟ ପଇଠ କରିବେ । |
| ୭. | ଯଦି ସର୍ବୋଚ୍ଚ Additional Charge ମୂଲ୍ୟାଙ୍କ କରିଥିବା ଆବେଦନକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତାହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ । |
| ୮. | ଯଦି ଦ୍ୱିତୀୟ ସର୍ବୋଚ୍ଚ ଅତିରିକ୍ତ ଦେୟ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବୋଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥରାଶିଠାରୁ ଅତିକ୍ରମ୍ ହୋଇଥାଏ ତେବେ ଲିଜ୍ ପ୍ରକ୍ରିୟାକୁ ରଦ୍ଦ କରାଯାଇ (Controlling Authority) ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ । |
| ୯. | ଲିଜ୍‌ଧାରୀଙ୍କ ପ୍ରତ୍ୟେକ ବର୍ଷ ଧାର୍ଯ୍ୟ କରାଯାଇଥିବା ରୟାଲଟି ଏବଂ ଅତିରିକ୍ତ ଦେୟ ସହିତ **<u>Dead Rent ଏବଂ Surface Rent</u>** ଦାଖଲ କରିବାକୁ ପଡ଼ିବ । ଲିଜଧାରୀଙ୍କୁ ସରକାରଙ୍କ ଦ୍ୱାରା ସମୟାନୁକ୍ରମେ ବର୍ଦ୍ଧିତ ହେଉଥିବା ରୟାଲଟି/ Dead Rent ଓ ଅନ୍ୟାନ୍ୟ ଦେୟର ଧାର୍ଯ୍ୟ ମୂଲ୍ୟ ଜମାକରିବାକୁ ପଡ଼ିବ । ପ୍ରାଧିକୃତ ଅଧିକାରୀ Mining Plan ରେ ଦର୍ଶାଯାଇଥିବା ସର୍ବନିମ୍ନ ଉଲ୍ଲେଖ ପରିମାଣ ଏହି ନୋଟିସ୍‌ରେ ଦର୍ଶାଇଥିବା ପରିମାଣ ସହିତ ସମାନ କିମ୍ବା ଅଧିକ ହୋଇପାରେ । ତେଣୁ ଦିଆଯାଇଥିବା ସର୍ବନିମ୍ନ ଧାର୍ଯ୍ୟ ଉତ୍ତୋଳନ ପରିମାଣ ମୁତାବକ ସମସ୍ତ ଦେୟ ରୟାଲଟି DMF ଏବଂ ଅନ୍ୟାନ୍ୟ ଦେୟ ଦାଖଲ କରିବେ । |
| ୧୦. | ଲିଜ୍‌ଧାରୀ ବାର୍ଷିକ ନିଲାମ ମୂଲ୍ୟର **<u>୨% (ଶତକଡ଼ା ଦୁଇ) ଆୟକର</u>** ଓ ସମୟାନୁକ୍ରମେ ସରକାରଙ୍କ ଦ୍ୱାରା ଲାଗୁ କରାଯାଇଥିବା ଅନ୍ୟାନ୍ୟ ସରକାରୀ ଦେୟ ପ୍ରତ୍ୟେ ବର୍ଷ ଜମାକରିବା ପାଇଁ ପଡ଼ିବ । |
| ୧୧. | ମନୋନୀତ ଆବେଦନକାରୀ Mining Plan ତଥା Environmental Clearance ବାବଦରେ ଖର୍ଚ୍ଚ ହୋଇଥିବା ଟଙ୍କା ଦେବାକୁ ପଡ଼ିବ । ଏହା ସହିତ ଲିଜଧାରୀମାନେ ବିଜ୍ଞାପନ ଖର୍ଚ୍ଚ ଆନୁପାତିକ ଭାବରେ ବହନ କରିବେ । |
| ୧୨. | ନିଲାମ ତାରିଖ ଦିନ ଦରଖାସ୍ତକାରୀ କିମ୍ବା ତାଙ୍କର ଅଧିକୃତ ପ୍ରତିନିଧି ଅନୁପସ୍ଥିତ ରହିଲେ ତାଙ୍କର କୌଣସି ଅଭିଯୋଗ ଶୁଣାଯିବନାହିଁ । |

| | |
|---|---|
| ୧୩. | ଯଦି ଦରଖାସ୍ତକାରୀ ଧାର୍ଯ୍ୟ ମୂଲ୍ୟ ଠାରୁ କମ୍ ମୂଲ୍ୟ ଉଲ୍ଲେଖ କରିଥାଛି ତଥା ବିଜ୍ଞାପନ ଅନୁଯାୟୀ ଦସ୍ତାବିଜ ଦାଖଲ କରିନଥାନ୍ତି ତେବେ ତାଙ୍କ ଦରଖାସ୍ତକୁ ବିଚାରକୁ ନିଆଯିବନାହିଁ । |
| ୧୪. | ନିଲାମଧାରୀ OMMC Rule - 2016 ରେ ନିୟମ- 33 (1-29) ର ସମସ୍ତ ସର୍ତ୍ତାବଳୀ ମାନିବା ପାଇଁ ବାଧ ହେବେ । ଲିଜ୍‌ଧାରୀ ନିର୍ଦ୍ଧାରିତ ନିୟମର ଉଲଙ୍ଘନ କଲେ ଜମା ଦେଇଥିବା ସିକ୍ୟୁରିଟି ରାଶିକୁ ବାଜ୍ୟାପ୍ତ କରିବାର କ୍ଷମତା ପ୍ରାଧିକୃତ ଅଧିକାରୀଙ୍କ ପାଖରେ ରହିଅଛି । ଏହା ବ୍ୟତିତ OMMC Rule - 2016 ଅନୁସାରେ ମଧ୍ୟ ଦଣ୍ଡିତ ହେବେ । |
| ୧୫. | ନିଲାମଧାରୀ ଲଘୁ ଖଣିଜ ଦ୍ରବ୍ୟର ଉତ୍ତୋଳନ କୌଣସି ଯାନ୍ତ୍ରିକ ଉପାୟରେ କରିବେ ନାହିଁ, ତଥା କୌଣସି ଭାରି ଯାନ ଯେପରିକି, ହାଇୱା ଇତ୍ୟାଦି ବ୍ୟବହାର କରିବେ ନାହିଁ ।<br>Vehicles to be used as approved in the Mining Plan. |
| ୧୬. | ଲିଜଧାରୀ Mines Act - 1952 ଏବଂ Explosive Act- 1984 ର ସମସ୍ତ ନିୟମ ଓ ସର୍ତ୍ତାବଳୀର ଅନ୍ତର୍ଭୁକ୍ତ ରହିବେ । |
| ୧୭. | ସର୍ବୋଚ୍ଚ ନିଲାମଧାରୀ ବାଲୁକା ସୈରାତ ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ (Consent to operate) ଓଡ଼ିଶା ପ୍ରଦୂଷଣ ବୋର୍ଡ଼ (Odisha Pollution Control Board) ରୁ ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ । |
| ୧୮. | ସୂଚନା ଫଳକ (Display Board) ତିଆରି କରି ସେଥିରେ ସୈରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖ କରିବେ । ଏସବୁ କାର୍ଯ୍ୟ ସମ୍ପାଦନ ପାଇଁ ଖର୍ଚ୍ଚ ଲିଜଧାରୀ ବହନ କରିବେ । |
| ୧୯. | ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଲଘୁ ଖଣିଜ ଦ୍ରବ୍ୟ ଉତ୍ତୋଳନ କରିପାରିବେ ନାହିଁ । |
| ୨୦. | କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ । |
| ୨୧. | ଉତ୍ସକୁ ଲାଗିଥିବା ରାସ୍ତା, କୂଳ ଆଦିର ରକ୍ଷଣା ବେକ୍ଷଣ ଦାୟିତ୍ୱ ନିଲାମଧାରୀ ନେବେ ଏବଂ ପ୍ରତ୍ୟେକ ବର୍ଷ ତାହାର ମରାମତି କରିବେ । |
| ୨୨. | ଏହି ସମସ୍ତ ପ୍ରକ୍ରିୟା ଶେଷ ହେବା ପରେ ମନୋନିତ ଆବେଦନକାରୀଙ୍କୁ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ - ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି (ସଂଶୋଧିତ) ଆଇନ୍ – ୨୦୧୭ ନିୟମାବଳୀ ପ୍ରକାରେ ସମସ୍ତ ଦେୟ ଜମା ଦେଇ ଲିଜ ପାଇଁ ଚୁକ୍ତି ପତ୍ର ସଂପାଦନ କରିବାକୁ ହେବ । |

ଯଦି ପ୍ରଥମ ଧାର୍ଯ୍ୟ ତା.୨୬.୦୩.୨୦୨୧ରିଖ ରେ କୌଣସି କାରଣ ବଶତଃ କଉମୁଦ ଟେଣ୍ଡର ବାକ୍ସ ଖୋଲାହୋଇ ନପାରିଲେ, ପରବର୍ତ୍ତୀ ପର୍ଯ୍ୟାୟରେ ତା.୩୦.୦୩.୨୦୨୧ରିଖ ସକାଳ ୧୧ ଘଟିକାରେ କିମ୍ବା ତାହା ମଧ୍ୟ ନହୋଇ ପାରିଲେ ତହା ତା.୩୧.୦୩.୨୦୨୧ରିଖ ସକାଳ ୧୧ ଘଟିକାରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ କଉମୁଦ ଟେଣ୍ଡର ବାକ୍ସ ଖୋଲାଯାଇ ଲିଜ୍ ନିମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତା.୨୬.୦୩.୨୦୨୧ରିଖରେ ସମସ୍ତ ଦାଖଲକାରୀ ଅଯୋଗ୍ୟ ବିବେଚିତ ହୁଅନ୍ତି କିମ୍ବା କୌଣସି ଉତ୍ସ ପାଇଁ ଯଦି ଆବେଦନ ଆସିନଥାଏ ତେବେ ପରବର୍ତ୍ତୀ ପର୍ଯ୍ୟାୟରେ ତା.୦୭.୦୪.୨୦୨୧ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ ଏବଂ ତାହା ତା. ୦୮.୦୪.୨୦୨୧ରିଖ ସକାଳ ୧୧ ଘଟିକାରେ ଉପ-ଜିଲ୍ଲାପାଳ, କପ୍ତିପଦା, ଉଦଳାଙ୍କ କାର୍ଯ୍ୟାଳୟରେ ଦରଖାସ୍ତକାରୀ କିମ୍ବା ସେମାନଙ୍କ ପ୍ରାଧିକୃତ ବ୍ୟକ୍ତି ବିଶେଷଙ୍କ ଉପସ୍ଥିତିରେ କଉମୁଦ ଟେଣ୍ଡର ବାକ୍ସ ଖୋଲାଯିବ ଓ ଲିଜ୍ ନମନ୍ତେ ଯୋଗ୍ୟ ଆବେଦନକାରୀଙ୍କୁ ମନୋନୀତ କରାଯିବ ।

କୌଣସି କାରଣ ନ ଦର୍ଶାଇ ଏହି ବିଜ୍ଞାପନକୁ ବାତିଲ କରିବା, ପରିବର୍ତ୍ତନ କରିବା, ତ୍ରୁଟି ସଂଶୋଧନ କରିବା କିମ୍ବା କୌଣସି ଦରଖାସ୍ତକୁ ଖାରଜ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।

## <u>ଗୁରୁତ୍ୱପୂର୍ଣ୍ଣ ତାରିଖ</u>

୧. ଦରଖାସ୍ତ ପଢାଇବାର ଶେଷ ତାରିଖ – ତା.୨୫.୦୩.୨୦୨୧ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ।

୨. ଟେଣ୍ଡର ବାକ୍ସ ଖୋଲିବାର ତାରିଖ – ତା.୨୬.୦୩.୨୦୨୧ ରିଖ ସକାଳ ୧୧ ଘଟିକା ।

୩. କୌଣସି କାରଣ ବସତଃ ତା.୨୬.୦୩.୨୦୨୧ରିଖରେ ଖୋଲାହୋଇ ନପାରିଲେ ପରବର୍ତ୍ତୀ ତାରିଖ – ତା.୩୦.୦୩.୨୦୨୧ରିଖ ସକାଳ ୧୧ ଘଟିକା ।

୪. କୌଣସି କାରଣ ବସତଃ ତା.୩୦.୦୩.୨୦୨୧ରିଖରେ ଖୋଲାହୋଇ ନପାରିଲେ ପରବର୍ତ୍ତୀ ତାରିଖ – ତା.୩୧.୦୩.୨୦୨୧ରିଖ ସକାଳ ୧୧ ଘଟିକା ।

୫. ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଦରଖାସ୍ତ ପ୍ରାପ୍ତ ନହେଲେ ଦ୍ୱିତୀୟ ଆବେଦନ ତାରିଖ – ତା.୦୭.୦୪.୨୦୨୧ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ।

୬. ଦ୍ୱିତୀୟ ଟେଣ୍ଡର ବାକ୍ସ ଖୋଲିବାର ତାରିଖ – ତା.୦୮.୦୪.୨୦୨୧ ରିଖ ସକାଳ ୧୧ ଘଟିକା ।

(signature) ୨୬.୦୩.୨୦୨୧

ତହସିଲଦାର, ଉଦଳା

ଜ୍ଞାପକ ସଂଖ୍ୟା- ୭୨୬ / ତା.୦୯.୦୩.୨୦୨୧

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୁରଭଞ୍ଜ ଓ ଉପଜିଲ୍ଲାପାଳ, ବମ୍ପିପଦା, ଉଦଳାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପକାଶନ ନିମତେ ପ୍ରେରଣ କରାଗଲା ।

ତହସିଲଦାର, ଉଦଳା

ଜ୍ଞାପକ ସଂଖ୍ୟା- ୭୨୭ / ତା.୦୯.୦୩.୨୦୨୧

ଏହାର ଏକକିତା ନକଲ ଗୋଷ୍ଠୀଉନ୍ନୟନ ଅଧିକାରୀ ଏବଂ ତହସିଲଦାର, ଉଦଳା /କପ୍ତିପଦା/ ଖୁଣ୍ଟା /ଗୋପବନ୍ଧୁନଗର, ସଂପୃକ୍ତ ଅଂଚଳର ଗ୍ରା:ପ:/ ସଂପୃକ୍ତ ଥାନା ଅଧିକାରୀ/ କାର୍ଯ୍ୟ ନିର୍ବାହୀ ଅଧିକାରୀ, ବିଜ୍ଞାପିତ ଅଂଚଳ ପରିଷଦ, ଉଦଳାଙ୍କ କାର୍ଯ୍ୟାଳୟର ନୋଟିସ୍ ବୋର୍ଡ଼ରେ ପକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଉଦଳା

ଜ୍ଞାପକ ସଂଖ୍ୟା- ୭୨୮ / ତା.୦୯.୦୩.୨୦୨୧

ଏହାର ଏକକିତା ନକଲ ଉଦଳା ତହିସିଲ ଅଧିନରେ ଥିବା ରାଜସ୍ୱ ପର୍ଯ୍ୟବେକ୍ଷକ ଓ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ଏବଂ ନିଜ କାର୍ଯ୍ୟାଳୟର ନୋଟିସ ବୋର୍ଡ଼ରେ ପ୍ରକାଶ କରିବା ଓ ଏହାର ବହୁଳ ପ୍ରଚାର, ପ୍ରସାର ନିମନ୍ତେ ନିର୍ଦ୍ଦେଶ ଦିଆଗଲା ।

ତହସିଲଦାର, ଉଦଳା

ଜ୍ଞାପକ ସଂଖ୍ୟା- ୭୨୯ / ତା.୦୯.୦୩.୨୦୨୧

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୁରଭଂଜଙ୍କୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ଉଦଳା

## ଲିଜ ପାଇଁ ଉଦ୍ଦିଷ୍ଟ ସୈରାତ ଉତ୍ସର ବିସ୍ତାରିତ ବିବରଣୀ ।

| କ୍ରମିକ ସଂଖ୍ୟା | ମୌଜାର ନାମ | ସୈରାତ ଉତ୍ସର ନାମ ଏବଂ କେଶ ନମ୍ବର | ଖାତା ନଂ | ପ୍ଲଟ ନଂ | ରକବା | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ବାର୍ଷିକ ବାଲି ଉଠାଇବାର ପରିମାଣ cum (ପ୍ରଥମ ବର୍ଷ ପାଇଁ) | ମନ୍ତବ୍ୟ |
|---|---|---|---|---|---|---|---|---|
| ୧ | ୨ | ୩ | ୪ | ୫ | ୬ | ୭ | ୮ | ୯ |
| ୧ | ଭୀମତାଳି | ଭୀମତାଳି ବାଲି ଉତ୍ସ, ସୈରାତ କେଶ ନଂ. ୧୧୭/ ୨୦୨୦-୨୧ | ୬୮ | ୧୨୦/୧ | ଏ.୧୧.୦୫ କିମ୍ବା ୪.୪୭ ହେକ୍ଟର | ଟ.୩୫+ଟ.୩୦ = ଟ.୬୫ | ୩୮୦୦୦ | |
| ୨ | ଅଠଣଗାଁ | ଅଠଣଗାଁ ବାଲି ଉତ୍ସ, ସୈରାତ କେଶ ନଂ. ୧୧୮/ ୨୦୨୦-୨୧ | ୨୧୪ | ୪୭୪/୧ | ଏ.୮.୯୪ କିମ୍ବା ୩.୬୧ ହେକ୍ଟର | ଟ.୩୫+ଟ.୩୦ = ଟ.୬୫ | ୨୭୦୦୦ | |
| ୩. | କର୍ଣ୍ଣଥଉରା | କର୍ଣ୍ଣଥଉରା ବାଲି ଉତ୍ସ, ସୈରାତ କେଶ ନଂ. ୧୧୯/ ୨୦୨୦-୨୧ | ୩୭ | ୯୨/୧ | ଏ.୬.୭୫ କିମ୍ବା ୨.୭୩ ହେକ୍ଟର | ଟ.୩୫+ଟ.୩୦ = ଟ.୬୫ | ୧୯୦୦୦ | |
| ୪. | ବର୍ହିସାରୀ | ବର୍ହିସାରୀ ବାଲି ଉତ୍ସ, ସୈରାତ କେଶ ନଂ. ୧୨୦/ ୨୦୨୦-୨୧ | ୪୪୧ | ୨୬୧୧/୧<br>୧୯୧୪/୨୬୧୩ | ଏ.୪.୫୮<br>ଏ.୭.୭୭<br>ମୋଟ - ଏ.୧୨.୩୫ କିମ୍ବା ୪.୯୯ ହେକ୍ଟର | ଟ.୩୫+ଟ.୩୦ = ଟ.୬୫ | ୩୪୦୦୦ | ଯଦି ଲିଜଧାରୀ ଉକ୍ତକୁ ଖାତା ନଂ.୯୨ ଓ ପ୍ଲଟ ନଂ.୨୮୩,୩୦୩, ୩୪୦;ଖାତା ନଂ.୨୮୧, ପ୍ଲଟ ନଂ. ୩୧୨; ଖାତା ନଂ. ୨୫୧, ପ୍ଲଟ ନଂ.୩୩୫; ଖାତା ନଂ. ୧୫୪, ପ୍ଲଟ ନଂ. ୩୪୨, ୩୩୧, ୩୩୦;ଖାତା. ୩୧, ପ୍ଲଟ ନଂ.୩୪୬ ଓ ଖାତା ନଂ. ୧୪୦ ପ୍ଲଟ ନଂ.୩୪୭ ରାସ୍ତା ଦେଇ ଯିବାପାଇଁ ଚାହିଁବ ତେବେ ଉକ୍ତ ଖାତା ରୟତଙ୍କ ଠାରୁ ରାସ୍ତା ବାବଦକୁ ୫ ବର୍ଷିଆ ଚୁକ୍ତି (Registered Agreement) କରି ଆବେଦନ ସମୟରେ ହିଁ ଆବଶ୍ୟକୀୟ ଦସ୍ତାବିଜ ସହ ଦାଖଲ କରିବେ । |

FORM – M

# APPLICATION FOR GRANT OF QUARRY LEASE

[See Rule 27 (4)]

To

**The Tahasildar, Udala**

Dated ______________ the 2021

Madam,

1. I / We submit an application for an quarry lease for ______________________ ______________________ for a term of 5 (Five) years over ______________ hectares of land in the area specified in the Annexure given below.
2. A sum of Rs______________ payable as fee (non-refundable) for grant of such lease under sub-Rule (4) of Rule – 27 of the Odisha Minor Mineral Concession Rules, 2016 has been paid in the Governement Treasury at ______________________ and the receipt Challan bearing No______________________/ dated______________________ is enclosed.
3. **The Required particulars are given below** –
   (i) An affidavit stating that no mining due payable under the Act and Rules made there under is outstanding against the applicant.
   (ii) Where land belongs to private persons, consent of all such persons for grant of quarry lease.
   (iii) Solvency certificate and list immovable property from the Revenue Authority.
4.

   I. Name and Address of the Applicant ______________________

   II. ______________________

   III. Profession of the applicant ______________________

   IV. Particulars of the areas, mineral-wise, within the State for which the applicant or any person having joint interest with him ______________________

   (a) Already holds a quarry lease ______________________

   (b) Ha already applied for a quarry lease but not granted ______________________

   (c) Being applied for simultaneously ______________________

   (d) Nature of joint interest, if any ______________________

   V. Means by which the minor minerals is / are to be raised, i.e. whether manual or mechanical.

   VI. **Manner in which the minor minerals raised to be utilized –**

   (a) For manufacture ______________________

   (b) For sale ______________________

   (c) Any other purpose ______________________

VII. Details of the plan boundary description and land schedule of the areas applied for to be enclosed.

VIII. Has the applicant any previous experience in quarrying/ mining ? if yes, details should be given ____________________________________________

____________________________________________

IX. **Financial Resources of the applicant –**

(i)

(ii)

X. Total investment in the operations anticipated ____________________

XI. **Any other particulars which the applicant wishes to furnish.**

(a) Name of the village/ Forest Block ____________________

(b) Whether the area belongs to scheduled area ____________________

(c) Details of the area applied for in each Survey Number ____________________

(d) Full description of the area applied for with regard to natural features - ____________________________________________

____________________________________________

(e) District - ____________________________________________

5. Rate of additional Charge (per cubic meter) quoted – Rs. ____________________

**N:B:** - The application shall be summarily rejected if the rate of royalty quoted is less than the rate of royalty specified in Schedule – II

I / We hereby decare that the particulars furnished above are correct and undertake to furnish other detailos, plan etc, as may be required by you.

Yours faithfully,

Place ______________

Date__________________

*(Signature of the applicant)*

**N:B:** - If the applicant is singed by an authorized agent of the applicant, the power of attorney shoud be attached.

# ତହସିଲଦାରଙ୍କ କାର୍ଯ୍ୟାଳୟ, ଉଦଳା, ମୟୂରଭଞ୍ଜ

ନୋଟିସ ସଂଖ୍ୟା 732 / ତା ୦୭.୦୩.୨୦୨୧

## ଲଘୁ ଖଣିଜ ଲିଜ୍ ନିମନ୍ତେ ବିଜ୍ଞାପନ

ଏତଦ୍ୱାରା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡ଼ିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ୍ ୨୦୧୬ ଓ ଓଡ଼ିଶା ଲଘୁ ଖଣିଜ ରିହାତି (ସଂଶୋଧନ ) ଆଇନ - ୨୦୧୭ ଅନୁଯାୟୀ ଉଦଳା ତହସିଲ ଅନ୍ତର୍ଗତ ଭୀମତାଳି, ଅଠଣଗାଁ, କହଁଥଓରା ଓ କଇଁସାରୀ ବାଲି (ଖାଦାନ) ଘାଟ (ଲଘୁ ଖଣିଜ ଦ୍ରବ୍ୟ) ଗୁଡ଼ିକୁ ୫ ବର୍ଷ ନିମନ୍ତେ ଦୀର୍ଘ ମିଆଦ ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ତେଣୁ ଆବେଦନକାରୀ ଫର୍ମ ପୂରଣ କରି ୩ କପି ସହ ଏହି ତହସିଲ ପତ୍ର ସଂଖ୍ୟା- ୭୨୫ / ସୈରାତ ତା.୦୯.୦୩.୨୦୨୧ ରିଖରେ ଦିଆଯାଇଥିବା ସର୍ତାବଳୀ ମୁତାବକ ତା.୨୫.୦୩.୨୦୨୧ ରିଖ ଅପରାହ୍ନ ୫ ଘଟିକା ସୁଦ୍ଧା ଆବେଦନ କରିପାରିବେ । ଏହି ସଂକ୍ରାନ୍ତିୟ ସଂପୂର୍ଣ୍ଣ ସର୍ତାବଳୀ ମୟୂରଭଞ୍ଜ Website – www.mayurbhanj.nic.in ରୁ, ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ଼ରୁ କିମ୍ବା ତହସିଲ e-mail – tahasildar.udala@gmail.com କୁ ଆବେଦନ ପଠାଇ ଜାଣିପାରିବେ ।

ସ୍ୱାକ୍ଷର/ ୦୭.୦୩.୨୦୨୧

ତହସିଲଦାର, ଉଦଳା